# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 July - 2024

### News Editor : Tapan Kumar Maharana

*****************************

## ମୁଖ୍ୟ ସମ୍ବାଦ

- ପୁରୀରେ ଆଜି ଅନୁଷ୍ଠିତ ହେଉଛି ରଥାରୁଢ଼ ଶ୍ରୀଜୀଉମାନଙ୍କ ସୁନାବେଶ ।

- ରାଜରାଜେଶ୍ୱର ବେଶରେ ଶ୍ରଦ୍ଧାଳୁମାନଙ୍କୁ ସଂଧ୍ୟାରେ ଦେବେ ଦର୍ଶନ ।

- ସଂସଦର ବଜେଟ୍ ଅଧିବେଶନ ପୂର୍ବରୁ ଆସନ୍ତା ରବିବାର ଦିନ ସର୍ବଦଳୀୟ ବୈଠକ ।

- ଆନନ୍ଦ ଉଲ୍ଲାସର ସହ ପାଳିତ ହେଉଛି ମୁସଲମାନ ସଂପ୍ରଦାୟଙ୍କ ମହାନ ପର୍ବ ମହରମ ।

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା; ପ୍ରବଳ ବର୍ଷା ହେବା ନେଇ ୮ଟି ଜିଲ୍ଲାକୁ ସତର୍କ ସୂଚନା ।

# ଶ୍ରୀଜୀଉଙ୍କ ସୁନାବେଶ

ପୁରୀରେ ପବିତ୍ର ଶ୍ରୀହରିଶୟନ ଏକାଦଶୀ ତିଥିରେ ଆଜି ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବଡ଼ତଡ଼ାଉ ବେଶ ବା ସୁନାବେଶ ଅନୁଷ୍ଠିତ ହେଉଛି। ଶ୍ରଦ୍ଧାଳୁମାନେ ସନ୍ଧ୍ୟା ୫ଟାରୁ ଶ୍ରୀଜୀଉଙ୍କ ରାଜରାଜେଶ୍ୱରୀ ବେଶ ଦର୍ଶନ କରିପାରିବେ । ତେବେ ସକାଳୁ ମଙ୍ଗଳଆଳତୀ ଶେଷ ହେବାପରେ ମହାପ୍ରଭୁଙ୍କ ମଇଲମ, ତଡପଲାଗି ନୀତି ଓ ଅବକାଶ ପୂଜା ଅନୁଷ୍ଠିତ ହୋଇଥିଲା । ପରେ ମହାପ୍ରଭୁମାନଙ୍କର ବେଶ ଶେଷ କରାଯାଇ ଗୋପାଳବଲ୍ଲଭ ଭୋଗ ଓ ସକାଳ ଧୂପ  ହୋଇଥିଲା । ଏହାପରେ ପୁନର୍ବାର ଶ୍ରୀଜୀଉଙ୍କର ମଇଲମ, ମହାସ୍ନାନ ଓ ସର୍ବାଙ୍ଗ ନୀତି କରାଯିବା ସହ ମଧ୍ୟାହ୍ନଧୂପ ଶେଷ ହୋଇଛି । ଏ ସମ୍ପର୍କରେ ଆମ ପୁରୀ ସମ୍ବାଦଦାତାଙ୍କ ରିପୋର୍ଟ...

**- V/O -**

ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୯୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିବା ଜଣାପଡ଼ିଛି । ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ ଶ୍ରଦ୍ଧାଳୁଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଜଳ ରଖାଯାଇଥିବା ବେଳେ ଡାକ୍ତରୀ ଦଳକୁ ସଜାଗ ରଖାଯାଇଛି  ।

ଆସନ୍ତାକାଲି ଅଧରପଣା ନୀତି ଅନୁଷ୍ଠିତ ହେବ। ସେହିଭଳି ଶୁକ୍ରବାର ଦିନ ଠାକୁରଙ୍କର ନିଳାଦ୍ରୀବିଜେ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସର୍ବଦଳୀୟ ବୈଠକ

ସଂସଦର ବଜେଟ୍ ଅଧିବେସନ ପୂର୍ବରୁ ସରକାର ଆସନ୍ତା ରବିବାର ଦିନ ସର୍ବଦଳୀୟ ବୈଠକ ଡାକିଛନ୍ତି । ବୈଠକରେ ସଂସଦର ଉଭୟ ଗୃହ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନା ପାଇଁ ସବୁ ରାଜନୈତିକ ଦଳର ସହଯୋଗ ଲୋଡାଯିବ । ସୂଚନା ଅନୁସାରେ ଆସନ୍ତା ୨୨ ତାରିଖରୁ ଅଗଷ୍ଟ ମାସ ୧୨ ତାରିଖ ପର୍ଯ୍ୟନ୍ତ ସଂସଦର ବଜେଟ୍ ଅଧିବେଶନ ଅନୁଷ୍ଠିତ ହେବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଆସନ୍ତା ୨୩ ତାରିଖ ଦିନ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ ।

## ରାଜସ୍ୱମନ୍ତ୍ରୀଙ୍କ ଚାରାରୋପଣ

ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଆଜି ସମ୍ବଲପୁର ଗସ୍ତ କରି ଗୁଡେଶ୍ୱର ବାବାଙ୍କ ମନ୍ଦିର ରାସ୍ତାରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରିଛନ୍ତି । ଏଥିସହିତ ପରିବେଶ ସଚେତନତାର ବାର୍ତ୍ତା ଦେଇଛନ୍ତି । ସାଢ଼େ ୪ କୋଟି ଓଡ଼ିଆ ଯଦି ଗୋଟିଏ ଗୋଟିଏ ଚାରା ଲଗାଇବେ ତେବେ ଓଡ଼ିଶାରେ ଏକସଙ୍ଗରେ ସାଢ଼େ ୪ କୋଟି ଗଛ ଲାଗିପାରିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

## ଖାଦ୍ୟ ଯୋଗାଣ ମନ୍ତ୍ରୀ

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟର ବିଭିନ୍ନ ତୈଳ ଓ ଗ୍ୟାସ ବିତରକଙ୍କ ସହ ଆଲୋଚନା କରି ଖାଉଟିମାନଙ୍କୁ ଠିକ୍ ପରିମାଣ ଓ ଗୁଣାତ୍ମକ ସାମଗ୍ରୀ ଯୋଗାଣ ଉପରେ ଗୁରୁତ୍ୱାରୋପ

କରିଛନ୍ତି । ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ସମ୍ମିଳନୀ କକ୍ଷରେ ଗତକାଲି ଅନୁଷ୍ଠିତ ଏକ ବୈଠକରେ ଗ୍ୟାସ ବୁକିଂର ୪୮ ଘଣ୍ଟା ମଧ୍ୟରେ ଖାଉଟିମାନଙ୍କ ନିକଟରେ ଗ୍ୟାସ ପହଞ୍ଚାଇବା ନେଇ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି । ଗ୍ୟାସର କଳାବଜାରୀ ଓ ତୈଳ ସାମଗ୍ରୀରେ ଅପମିଶ୍ରଣ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ନିୟମିତ ଯାଞ୍ଚ ଜାରି ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ବିଭିନ୍ନ ବିତରକ ସଂସ୍ଥାର ସମସ୍ୟା ଓ ଖାଉଟିମାନଙ୍କର ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ଉପରେ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଥିଲା ।

## ହାଉସ୍ ସର୍ଜନ କାର୍ଯ୍ୟବନ୍ଦ ଆନ୍ଦୋଳନ

କଟକ ଏସ୍‌ସିବି ମେଡ଼ିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ନର୍ସିଂ ଅଫିସର ସଂଘ ଓ ହାଉସ୍ ସର୍ଜନ ସଂଘ ବିବାଦ ପ୍ରସଙ୍ଗକୁ ନେଇ ଆଜି ହାଉସ୍ ସର୍ଜନମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ତେବେ ଜରୁରୀ ରୋଗୀ ସେବା ଜାରି ରହିଛି । ଡାକ୍ତରଙ୍କ କାର୍ଯ୍ୟବନ୍ଦକୁ ଜୁନିୟର ଡାକ୍ତର ସଂଘ ଏବଂ ଏସ୍‌ସିବି ଡାକ୍ତରୀ ଛାତ୍ର ସଂଘ ସମର୍ଥନ କିରିଛି ।

ଅନ୍ୟପକ୍ଷରେ ଡାକ୍ତରମାନେ ନର୍ସିଂ ଅଫିସରଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ତେଣୁ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଆସନ୍ତାକାଲିଠାରୁ ସାରା ରାଜ୍ୟର ନର୍ସିଂ ଅଫିସରମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବେ ବୋଲି ଜଣାପଡିଛି । ତିନିଦିନ

ପ୍ରତୀକାତ୍ମକ ପ୍ରତିବାଦ ପରେ ସମସ୍ୟାର ସମାଧାନ ନ ହେଲେ ଆସନ୍ତା ୨୪ ତାରିଖରୁ ଏସ୍‌ସିବି ନର୍ସିଂ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ କରାଯିବ ବୋଲି କୁହାଯାଇଛି ।

## ମହରମ

ମୁସଲମାନ ସଂପ୍ରଦାୟର ମହାନ ପର୍ବ ମହରମ ଆଜି ସାରା ଦେଶରେ ପାଳିତ ହେଉଛି । ପ୍ରଫେଟ ମହମ୍ମଦଙ୍କ ନାତି ହଜରତ୍ ଇମାମ ହୁସେନଙ୍କର ବଳିଦାନକୁ ସ୍ମରଣ କରି ଏହି ଦିବସ ପାଳନ କରାଯାଉଛି । ଏହି ଉପଲକ୍ଷେ ମସ୍‌ଜିଦ୍ ଗୁଡ଼ିକରେ ସମୁହ ନମାଜ ପାଠ କରାଯାଉଥିବା ଦେଖିବାକୁ ମିଳିଛି ।

ଭଦ୍ରକ ଜିଲ୍ଲାର ଧାମନଗର, ଓ ଦୋବଲ ସମେତ ବିଭିନ୍ନ ସ୍ଥାନରେ ମହରମ ପାଳନ କରାଯାଉଛି । ଦୋବଲ ଓ ଧାମନଗର ଅଞ୍ଚଳରେ ବିଭିନ୍ନ ସାହିବସ୍ତିରୁ କାଫଲା ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଛି ।
ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ପର୍ବ ପାଳନ କରାଯାଉଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି ।

## ଶିକ୍ଷା ସପ୍ତାହ

ଜାତୀୟ ଶିକ୍ଷାନୀତି-୨୦୨୦ର ଚତୁର୍ଥ ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆସନ୍ତା ୨୨ରୁ ୨୮ ତାରିଖ ମଧ୍ୟରେ **ଶିକ୍ଷା**

**ସପ୍ତାହ** ପାଳନ କରାଯିବ । ଏ ନେଇ ଶିକ୍ଷାମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି ।  ଏହି ସମୟ ମଧ୍ୟରେ ପ୍ରତି ଦିନକୁ ସ୍ୱତନ୍ତ୍ର ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏ ନେଇ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନକୁ ଚିଠି ଲେଖାଯାଇଛି ।

## ଜଳାତଙ୍କ କ୍ଲିନିକ୍

ରାଜ୍ୟର ସମସ୍ତ ଜିଲ୍ଲାରେ ଆଦର୍ଶ ଜଳାତଙ୍କ କ୍ଲିନିକ୍ ଖୋଲାଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲା ହସ୍ପିଟାଲ ସମେତ କ୍ୟାପିଟାଲ ହସ୍ପିଟାଲରେ ଜଳାତଙ୍କ କ୍ଲିନିକ୍ ଖୋଲାଯିବ । ଏହା ବ୍ୟତୀତ  ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଜଳାତଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା କରାଯିବ । କେନ୍ଦ୍ର ସରକାରଙ୍କ **ଓ୍ୱାନ୍ ହେଲ୍ଥ୍** ଯୋଜନା ଅନ୍ତର୍ଗତ ଜାତୀୟ ଜଳାତଙ୍କ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଯାୟୀ ଏହି ରୋଗର ନିରାକରଣ ଓ ପ୍ରତିଷେଧକମୂଳକ ବ୍ୟବସ୍ଥା ପାଇଁ ସମସ୍ତ ତଥ୍ୟ ଜନସ୍ୱାସ୍ଥ୍ୟ ବିଭାଗକୁ ପଠାଇବା ବାଧ୍ୟତାମୂଳକ କରାଯାଇଛି ।

## ପ୍ରସ୍ତୁତି ବୈଠକ

ନବରଙ୍ଗପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡକ୍ଟର କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜଳଶକ୍ତି ଅଭିଯାନ ‘କ୍ୟାଚ୍ ଦି

ରେନ୍-୨୦୨୪'ର ବିଷୟ-ନାରୀ ଶକ୍ତି ସେ ଜଲ ଶକ୍ତି ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିଥିଲେ ।

## କୃଷି ସମୀକ୍ଷା

ଗଞ୍ଜାମ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନୋଡାଲ ଅଫିସର ତଥା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ରମେଶ କୁମାର ନାୟକ ଆଜି ଖଲ୍ଲିକୋଟ ବ୍ଲକ ଗସ୍ତରେ ଯାଇ ବିଭିନ୍ନ କୃଷି କ୍ଷେତ୍ର ପରିଦର୍ଶନ କରି କୃଷି ସମ୍ପର୍କିତ ବିଭିନ୍ନ ଯୋଜନାର ଅଗ୍ରଗତିର ସମୀକ୍ଷା କରିଛନ୍ତି ।  ଖଲ୍ଲିକୋଟ ବ୍ଲକ ମାନାପାଲ୍ଲୀ ମୀନକୁମାରୀ ମେଗା ଫଳ ଉଦ୍ୟାନ ଓ ମନରେଗା ଯୋଜନାରେ ହେଉଥିବା କାର୍ଯ୍ୟର ମଧ୍ୟ ତଦାରଖ କରିଛନ୍ତି ।

## ଥାଇରଏଡ ପରୀକ୍ଷା ଆରମ୍ଭ

ନୂଆପଡା ଜିଲ୍ଲା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥାଇରଏଡ ପରୀକ୍ଷା ଆରମ୍ଭ ହୋଇଛି । ମହିଳାଙ୍କଠାରେ ବିଶେଷରୂପେ ଏହି ରୋଗ ଦେଖାଦେଇଥାଏ । ବିନାମୂଲ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏହି ସେବା ଯୋଗାଇ ଦିଆଯାଉଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ରକ୍ତଶିକୁଳୀ ରୋଗର ପରୀକ୍ଷା କରାଯାଉଛି ।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଆସନ୍ତା ୨୨ ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଲଘୁଚାପ ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, ନୟାଗଡ, ପୁରୀ, କନ୍ଧମାଳ, ରାୟଗଡା, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ଶୁକ୍ରବାର ସୁଦ୍ଧା ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଆସନ୍ତା ଶନିବାର ସୁଦ୍ଧା ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।